## ସଂକ୍ଷେପରେ

### ବ୍ୟାଙ୍କ କର୍ମଚାରୀଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର ଅଫିସ,୧୩:** ଚୁର୍ନି ଲଗାଇ ଜଣେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ (ଏସ୍‌ବିଆଇ) କର୍ମଚାରୀ ରବିବାର ଆତ୍ମହତ୍ୟା କରିଛନ୍ତି। ସେ ହେଉଛନ୍ତି ଗେଟବଜାର ଗୋଲାପଲ୍ଲୀ ସାହିର ଅନୁରାଗ ଶତପଥୀ(୩୧)। ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ନଂ.୧୦୧/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଅନୁରାଗ ବ୍ରହ୍ମପୁରରେ ଥିବା ଏସ୍‌ବିଆଇ ମୁଖ୍ୟ ଶାଖାରେ କାମ କରନ୍ତି। ସେ ଗତ ୨ ମାସ ତଳେ ବିବାହ କରିଥିଲେ। କୌଣସି କାରଣକୁ କେନ୍ଦ୍ରକରି ଅନୁରାଗ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଲାଗି ରହିଥିଲା। ଶନିବାର ବିଳମ୍ବିତ ରାତିରେ ସେ ତାଙ୍କ ଶୋଇବା ଘରେ ଥିବା ଫ୍ୟାନରେ ଚୁର୍ନି ଲଗାଇ ଆତ୍ମହତ୍ୟା କରିଥିଲେ। ଅନୁରାଗ ଝୁଲୁଥିବା ଦେଖି ତାଙ୍କ ସ୍ତ୍ରୀ ଚିତ୍କାର କରିଥିଲେ। ବାପା ନିରଞ୍ଜନ ପୁଅଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

### ଆଦର୍ଶ ବିଦ୍ୟାଳୟର ପ୍ରବେଶିକା ପରୀକ୍ଷା

**ବୁଗୁଡ଼ା,୧୩(ଡି.ଏନ.ଏ.):** ବୁଗୁଡ଼ା ବ୍ଲକ ଗୋଲିଆ ଆଦର୍ଶ ବିଦ୍ୟାଳୟର ଏକ ପ୍ରବେଶିକା ପରୀକ୍ଷା ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଆବେଦନ କରିଥିବା ଷଷ୍ଠ ଶ୍ରେଣୀ ପାଇଁ ୧୭୮ରୁ ୧୭୪ ଜଣ, ସପ୍ତମ ଶ୍ରେଣୀରେ ୪୮, ଅଷ୍ଟମରେ ୪୨ ରୁ ୪୧ ଓ ନବମରେ ୧୪ ରୁ ୧୨ ଜଣ ପରୀକ୍ଷା ଦେଇଥିଲେ। ଭାରପ୍ରାପ୍ତ ଅଧକ୍ଷ ସିଦ୍ଧାର୍ଥ ପ୍ରସାଦ ଜେନା କେନ୍ଦ୍ର ପରିଚାଳକ ଭାବେ ଏବଂ ପର୍ଯ୍ୟବେକ୍ଷକ ଭାବେ ଏବିଇଓ ପ୍ରମୋଦ ଚନ୍ଦ୍ର ସେନାପତି ଦାୟିତ୍ୱ ସମ୍ପାଦନ କରିଥିଲେ। ପରୀକ୍ଷା ନିରୀକ୍ଷକ ଭାବେ ଏ.ରାଜେଶ କୁମାର ଦୋରା, ପ୍ରଜ୍ଞାମିତା ସିଂଦେଓ, ସ୍ମରଣିକା ଗୁରୁ ଦାୟିତ୍ୱ ତୁଲାଇଥିଲେ।

### ଗ୍ରାମ ସଂସଦ କାର୍ଯ୍ୟାଳୟ ଉଦ୍‌ଘାଟିତ

**କନିଷି,୧୩(ଡି.ଏନ.ଏ.):** ଗୋପାଳପୁର ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ଦ୍ୱାରା ରଙ୍ଗେଇଲୁଣ୍ଡା ବ୍ଲକ ହଳଦିଆପଦର, ଚାନ୍ଦପୁର, ଲହୁଡ଼ିଗାଁ ଓ ମେଣ୍ଟରାଜପୁରର ଗ୍ରାମ ସଂସଦ କାର୍ଯ୍ୟାଳୟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ସେହିପରି ହଳଦିଆପଦର କୈବର୍ତ୍ତ ସମାଜ, ଦଳିତ ସାହି ଓ ଠାକୁରାଣୀ ମନ୍ଦିରର କଲ୍ୟାଣ ମଣ୍ଡପ, ନୂତନ ଅଙ୍ଗନୱାଡ଼ି କେନ୍ଦ୍ରକୁ ବିଧାୟକ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରଙ୍ଗେଇଲୁଣ୍ଡା ବ୍ଲକ ଅଧକ୍ଷା ସିଏଚ୍ ଉଷାରାଣୀ, ଉପାଧକ୍ଷ ଅଜିତ ଦାଶ, ହଳଦିଆପଦର ସରପଞ୍ଚ ରାଜେଶ୍ୱରୀ ଦୋରା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିପତି ବାଲାଜୀ ସାମନ୍ତରାୟ, ରଙ୍ଗେଇଲୁଣ୍ଡା ସିଡିପିଓ ଜ୍ୟୋତ୍ସ୍ନା ପାଢ଼ୀ, କନିଷ୍ଠ ଯନ୍ତ୍ରୀ ସରିତା ବେହେରା, ସିଏଚ୍ ବାଇରୀ ପାତ୍ର ଓ ଟି. ତାରିଣୀ ରାଜୁ ଆଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ୨୪ ସ୍ୱାସ୍ଥ୍ୟକେନ୍ଦ୍ରକୁ ମିଳିବ କାୟାକଳ୍ପ ପୁରସ୍କାର

**ଛତ୍ରପୁର,୧୩(ଡି.ଏନ.ଏ.)**

ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱଚ୍ଛତା ଓ ସଂକ୍ରମଣ ନିୟନ୍ତ୍ରଣ ପଦକ୍ଷେପକୁ ଦେଖି ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ପ୍ରତିବର୍ଷ କାୟାକଳ୍ପ ପୁରସ୍କାର ପ୍ରଦାନ କରାଯାଉଛି। ୨୦୧୯-୨୦ ବର୍ଷ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ୨୪ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର ମିଳିବ ବୋଲି ଶନିବାର ଘୋଷଣା କରାଯାଇଛି। ଏ ନେଇ ଓଡିଶା ଏନ୍‌ଏଚଏମ୍ (ଜାତୀୟ ସ୍ୱାସ୍ଥ୍ୟ ମିଶନ) ଡାଇରେକ୍ଟର ଶାଳିନୀ ପଣ୍ଡିତଙ୍କ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିକଟକୁ ଶନିବାର ଚିଠି ଆସିଛି ।

ଉପଖଣ୍ଡ ଚିକିତ୍ସାଳୟ ଓ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ୨୫ ପ୍ରକାର ସ୍ୱାସ୍ଥ୍ୟସେବାକୁ ଆଧାର କରି ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଗାଇଡଲାଇନ୍ ଅନୁଯାୟୀ ଜିଲାର ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକୁ ଅନୁଧ୍ୟାନ କରାଯାଇଥିଲା। ସ୍ୱଚ୍ଛତା, ସଂକ୍ରମଣ ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ରଶଂସନୀୟ ପଦକ୍ଷେପ ନିଆଯାଇଥିବାରୁ ରାଜ୍ୟସ୍ତରୀୟ କାୟାକଳ୍ପ ମନୋନୟନ କମିଟିଙ୍କ ନିଷ୍ପତ୍ତି ପ୍ରକାରେ୨୪ ସ୍ୱାସ୍ଥ୍ୟକେନ୍ଦ୍ର କାୟାକଳ୍ପ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଛି। ସେଥିମଧ୍ୟରେ ଜିଲା ହେଡକ୍ୱାର୍ଟର ସିଟି ହସ୍‌ପିଟାଲ, ଛତ୍ରପୁର ଓ ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟ, ବ୍ରହ୍ମପୁରର ୭ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର, ୪ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ୧୦ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି । ବ୍ରହ୍ମପୁର ସିଟି

**ଗଞ୍ଜାମ ଜିଲା**



ହସ୍‌ପିଟାଲ ୧୨ନଂ. ସ୍ଥାନରେ ରହି କାୟାକଳ୍ପ ପୁରସ୍କାର ପାଇଁ ମନୋନୀତ ହୋଇଛି। ସେହିପରି ଛତ୍ରପୁର ହସ୍‌ପିଟାଲ, ଭଞ୍ଜନଗର ହସ୍‌ପିଟାଲ, ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ସୋରଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କାୟାକଳ୍ପ ପୁରସ୍କାର ପାଇଁ ବିବେଚିତ ହୋଇଛନ୍ତି। ସେହିପରି ଜିଲାର ଗୌଡଗୋଠ, ରାହାଡ଼ା, ପାଣ୍ଡିରିପଡା, ଭେଟନଈ, ମାଣିତରା, ମଣିକିୟାପୁର, ଗଞ୍ଜାମ, ସିଦ୍ଧେଶ୍ୱର, ସୋମା ଓ ଭଞ୍ଜବିହାରରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କାୟାକଳ୍ପ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଛି । ଅନ୍ୟପକ୍ଷରେ ରାଜ୍ୟସ୍ତରରେ ବ୍ରହ୍ମପୁର ସହରାଞ୍ଚଳର ୭ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କାୟାକଳ୍ପ ପୁରସ୍କାର ପାଇଁ ମନୋନୀତ ହୋଇଛି। ସଫଳତା ପାଇଁ ଜିଲାପାଳ, ସିଡିଏମ୍‌ଓ, ସମସ୍ତ ବିଡିଓ, ତହସିଲଦାର, ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଓ ଷ୍ଟାଫ୍‌ମାନଙ୍କୁ ଜାତୀୟ ସ୍ୱାସ୍ଥ୍ୟ ମିଶନ ଡିପିଏମ୍ ଶ୍ୟାମ ସୁନ୍ଦର ତ୍ରିପାଠୀ ଶ୍ରେୟ ଦେଇଛନ୍ତି।

# ଗୋପାଳପୁର ଥାନା ପକ୍ଷରୁ ଗାଡ଼ି ଯାଞ୍ଚ



ପୋଲିସ ପକ୍ଷରୁ ଗାଡ଼ି ଯାଞ୍ଚ କରାଯାଉଛି।

**ଗୋପାଳପୁର,୧୩**

ସରକାରଙ୍କ ୬ ମାସର ମହଲତ ପରେ ମାର୍ଚ୍ଚ ୧ ତାରିଖରୁ ପୁଣି ଟ୍ରାଫିକ ନିୟମ କଡ଼ାକଡ଼ି କରାଯାଇଛି। ବ୍ରହ୍ମପୁର ପୋଲିସ ଜିଲାର ଗୋପାଳପୁର ଥାନା ପକ୍ଷରୁ ରବିବାର ବିଭିନ୍ନ ସ୍ଥାନରେ ଗାଡ଼ି ଯାଞ୍ଚ କରାଯାଇଥିଲା। ଥାନାଧିକାରୀ ବିବେକାନନ୍ଦ ମହନ୍ତ ଓ ଅନ୍ୟ କର୍ମଚାରୀମାନେ ଗୋପାଳପୁର ମହାବିଦ୍ୟାଳୟ ରାସ୍ତା ଦେଇ ଯାଉଥିବା ବିଭିନ୍ନ ଯାନ ଯାଞ୍ଚ କରିଥିଲେ। ଏଥିରେ ବିନା ହେଲ୍‌ମେଟଧାରୀ ଦୁଇ ଜଣ ଓ ସିଟ୍ ବେଲଟ୍ ପିନ୍ଧି ନ ଥିବା ୩୮ ଜଣଙ୍କଠାରୁ ୪୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ ହୋଇଥିବା ଥାନାଧିକାରୀ କହିବା ସହ ଆଗାମୀ ଦିନରେ ଏହାକୁ ଆହୁରି କଡ଼ାକଡ଼ି କରାଯିବ ବୋଲି ସେ ସୂଚନା ଦେଇଥିଲେ।

# ରାଜ୍ୟବ୍ୟାପୀ ଆନ୍ଦୋଳନକୁ ଓହ୍ଲାଇବ ଏଆଇୱାଇଏଫ୍




ଖବରଦାତା ସମ୍ମିଳନୀରେ ବାମପନ୍ଥୀ ଯୁବ ଛାତ୍ର ସଂଘ ନେତାମାନେ ।

**ବ୍ରହ୍ମପୁର ଅଫିସ,୧୩**

କେନ୍ଦ୍ର ଏନ୍‌ଡିଏ ସରକାରଙ୍କ ଅଗଣତାନ୍ତ୍ରିକ ନାଗରିକତ୍ୱ ଆଇନ ସଂଶୋଧନ (ସିଏଏ) ଏବଂ ଏନ୍‌ପିଆର ଓ ଏନ୍‌ଆରସି ବିରୋଧରେ ଅଖିଳ ଭାରତ ଯୁବ ଓ ଛାତ୍ର ସଂଘ ମିଳିତ ଭାବେ ଏପ୍ରିଲରୁ ରାଜ୍ୟ ବ୍ୟାପି ଆନ୍ଦୋଳନ କରିବ। ଏହି ଆଇନର ଭୟାବହତା ନେଇ ଜନସାଧାରଙ୍କୁ ସଚେତନ କରାଯିବ। ତୁରନ୍ତ ଏହାକୁ ପ୍ରତ୍ୟାହାର କରିବା ପାଇଁ ଚାପ ପ୍ରୟୋଗ କରାଯିବ। ବ୍ରହ୍ମପୁରରେ ଅନୁଷ୍ଠିତ ଏଆଇୱାଇଏଫ ରାଜ୍ୟ ସମ୍ମିଳନୀର ଦ୍ୱିତୀୟ ଦିବସ ରବିବାରରେ ଆୟୋଜିତ ଖବରଦାତା ସମ୍ମିଳନୀରେ

**ସିଏଏ, ଏନ୍‌ପିଆର, ଏନ୍‌ଆରସିକୁ ବିରୋଧ**

ଏହା କୁହାଯାଇଛି। ସରକାର ନିଃଶୁଳ୍କ ଶିକ୍ଷା ବ୍ୟବସ୍ଥାକୁ ସୁନିଶ୍ଚିତ ଏବଂ ଘରୋଇ ଓ ସାମ୍ପ୍ରଦାୟିକ ଶିକ୍ଷାନୁଷ୍ଠାନ ତୁରନ୍ତ ବନ୍ଦ ପାଇଁ ଦାବି କରାଯାଇଛି । ବେକାରଙ୍କୁ ରୋଜଗାରକ୍ଷମ କରାଇବା ଉପରେ ଗୁରୁତ୍ୱାରୋପ କରାଯାଇଛି।

ପ୍ରକାଶମ୍ ହଲରେ ହୋଇଥିବା ଖବରଦାତା ସମ୍ମିଳନୀରେ ଏଆଇୱାଇଏଫ ସର୍ବ ଭାରତୀୟ ସଭାପତି ଅଫତାବ ଆଲାମ ଖାନ, ସମ୍ପାଦକ ତାପସ ସିହ୍ନା, ଏଆଇଏସଏଫ ପୂର୍ବତନ ସାଧାରଣ ସମ୍ପାଦକ ବିଶ୍ୱଜିତ କୁମାର ଯୋଗ ଦେଇଥିଲେ। ରାଜ୍ୟ ଶାଖା ସଭାପତି ସଦାନନ୍ଦ ସାହୁ, ସମ୍ପାଦକ ପ୍ରଦୀପ ସେଠୀ ଓ ସଂଘମିତ୍ରା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବାମପନ୍ଥୀ ଯୁବ ସଂଘ ନେତାମାନେ ବେକାରୀ ବୃଦ୍ଧି ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ଓଡ଼ିଶାରେ ୨୦ ବର୍ଷର ବିଜେଡି ଶାସନରେ କାମଧନ୍ଦା ନ ପାଇ ଯୁବ ସମାଜ ବେକାର ହୋଇଯାଉଛନ୍ତି। ନବୀନ ସରକାରଙ୍କ ଦୀର୍ଘବର୍ଷର ଶାସନରେ ଗୋଟିଏ ମଧ୍ୟ ବୃହତ୍ତ ଶିଳ୍ପ ପ୍ରତିଷ୍ଠା କରାଯାଇ ପାରି ନ ଥିବା କଟାକ୍ଷ କରାଯାଇଥିଲା ।

# ଦୁର୍ଘଟଣାରେ ଆହତଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୧୩**

ଦୁର୍ଘଟଣାରେ ଗୁରୁତର ଆହତ ହୋଇ ପକ୍ଷାଘାତରେ ଚିକିତ୍ସିତ ହେଉଥିବା ଜଣେ ଲୋକଙ୍କର ସାଢ଼େ ୩ ବର୍ଷ ପରେ ରବିବାର ମୃତ୍ୟୁ ଘଟିଛି। ମୃତକ ଶେରଗଡ ଥାନା ଅନ୍ତର୍ଗତ ଗୋଠଗାଁର ସୌଥ ବିଶ୍ୱାଳ (୫୭) । ସୌଥଙ୍କ ମୃତଦେହ ଜବତ କରି ପୋଲିସ ମାମଲା ରୁଜୁ କରିଛି। ପ୍ରକାଶଯେ, ୨୦୧୬ ଏପ୍ରିଲ ୧୮ ରେ ସୌଥ ଗାଁମୁଣ୍ଡରେ ଠିଆ ହୋଇଥିବା ବେଳେ ତାଙ୍କୁ ଏକ ଗାଡି ଧକ୍କା ଦେଇଥିଲା। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ କିଛିଦିନ ରହିବା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ଘଟିବାରୁ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ପରେ ସେ ପକ୍ଷାଘାତରେ ଆକ୍ରାନ୍ତ ହୋଇଥିଲେ। ସେଠାରେ ସେ କିଛି ମାସ ଚିକିତ୍ସିତ ହୋଇଥିଲେ। ଆର୍ଥିକ ସ୍ଥିତି ଭଲ ନ ଥିବାରୁ ପରିବାର ଲୋକେ ସୌଥଙ୍କୁ ଗାଁକୁ ନେଇ ଆସିଥିଲେ। ପୁଣି ସେ ଗୁରୁତର ହୋଇପଡିବାରୁ ଶନିବାର ତାଙ୍କୁ ଏମ୍‌କେସିଜିରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରବିବାର ତାଙ୍କର ମୃତ୍ୟୁ ଘଟିଛି।

# ଚତୁର୍ଥ ଦିନରେ ରାମେଶ୍ୱର ସ୍ପୋର୍ଟିଂ କ୍ଲବ ବିଜୟୀ

**ବ୍ରହ୍ମପୁର ଅଫିସ,୧୩**

ବ୍ରହ୍ମପୁର ଖଲ୍ଲିକୋଟ କଲେଜ ଖେଳ ପଡିଆରେ ଚାଲିଥିବା ବିଜୁ ପଟ୍ଟନାୟକ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଚତୁର୍ଥ ଦିନ ବିତିଛି । ଉକ୍ତ ଦିନ ଖେଳାଯାଇଥିବା ବି ଗ୍ରୁପର ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚରେ ବ୍ରହ୍ମପୁରର ରାମେଶ୍ୱର ସ୍ପୋର୍ଟିଂ କ୍ଲବ ଓ ଲିଡସ୍ ସ୍ପୋର୍ଟିଂ ମଧ୍ୟରେ ମୁକାବିଲା ହୋଇଥିଲା । ରାମେଶ୍ୱର ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ୩୪ ଓଭରରେ ସମସ୍ତ ଉଇକେଟ ହରାଇ ୨୧୧ ରନ କରିଥିଲା । ପ୍ରଥମ ଇନିଂସ୍‌ରେ ଦଳ ପକ୍ଷରୁ ଦେବାଶିଷ ସାହୁ ୪୫ ବଲ ଖେଳି ସର୍ବାଧିକ ୬୫ ରନ ସଂଗ୍ରହ କରିଥିଲେ। ପରବର୍ତ୍ତୀ ଇନିଂସ୍‌ରେ ଲିଡସ୍ ଦଳ ୩୦ ଓଭରରେ ୧୬୪ ରନ୍ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା । ଫଳରେ ମ୍ୟାଚଟିକୁ ରାମେଶ୍ୱର ଦଳ

**ବିଜୁ ପଟ୍ଟନାୟକ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ**

ବାଜିମାତ କରି ନେଇଥିଲା । ଦ୍ୱିତୀୟ ଇନିଂସ୍‌ରେ ଲିଡସ୍ ଦଳ ପକ୍ଷରୁ ଆଇ.ଏସ୍. ଗିରି ୪୧ ବଲ ଖେଳି ସର୍ବାଧିକ ୬୭ ରନ ସଂଗ୍ରହ କରିଥିଲେ । ରାମେଶ୍ୱର ଦଳ ପକ୍ଷରୁ ସଞ୍ଜୟ ଦାଶ ୬ ଓଭରରେ ୨୨ ରନ ଦେଇ ୫ ଉଇକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇଥିଲେ। ଆମ୍ପାୟାର ଭାବେ ପ୍ରସନ୍ନ ପାଢ଼ୀ ଓ ସୁଶାନ୍ତ ପଣ୍ଡା ଖେଳ ପରିଚାଳନା କରିଥିଲେ । ଦିନେଶ ରାଓତ, ବାଳକୃଷ୍ଣ ବେହେରା ଓ ସନ୍ଦିପ ପାତ୍ର ପ୍ରମୁଖ ସହଯୋଗ କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ଆଲଫା କ୍ଲବ ସମ୍ପାଦକ ବିଜୟ ଭାସ୍କର ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ହୋଇଥିବା ସଞ୍ଜୟଙ୍କୁ ପୁରସ୍କୃତ କରିଥିଲେ।

# ପୋଲିସ କବ୍‌ଜାରେ ଅଭିଯୁକ୍ତ

**ବ୍ରହ୍ମପୁର ଅଫିସ,୧୩**

ଗଞ୍ଜାମ ଜିଲା କୁକୁଡାଖଣ୍ଡି ବ୍ଲକ ସଦର ଥାନା ହୁଗୁଳାପଟ୍ଟା ସରପଞ୍ଚ ପ୍ରଦୀପ ମଲାଣଙ୍କ ଘରକୁ କରାଯାଇଥିବା ବୋମାମାଡ ଘଟଣାର ଅଭିଯୁକ୍ତଙ୍କୁ ସପ୍ତାହକ ଭିତରେ ପୋଲିସ ଧରିଛି। ଅଭିଯୁକ୍ତ ଜଣଙ୍କ ବାଲାଜିପଲ୍ଲୀର ଗଙ୍ଗାଧର ଦାସ । ପୋଲିସ ତାଙ୍କୁ ଘଟଣା ସମ୍ପର୍କରେ ଜେରା ଚଳାଇଛି । ସୋମବାର ଗଙ୍ଗାଧରଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଏସ୍‌ଡ଼ିପିଓ ଜୟନ୍ତ ମହାପାତ୍ର ସୂଚନା ଦେଇଛନ୍ତି।

**ସରପଞ୍ଚଙ୍କ ଘରକୁ ବୋମାମାଡ଼ ଘଟଣା**

ସୂଚନାଯୋଗ୍ୟ, ୧୯୯୫ରେ ସରପଞ୍ଚ ପ୍ରଦୀପଙ୍କ ଭାଇ ଅନୁପଙ୍କୁ ଗଙ୍ଗାଧର ହତ୍ୟା କରିଥିଲେ। ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଉକ୍ତ ମାମଲାର ବିଚାର ବେଳେ ତତ୍କାଳୀନ ବିଚାରପତି ତାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଗତ ୨୫ ତାରିଖରେ ପ୍ରଦୀପ ତାଙ୍କ ଘର ସମ୍ମୁଖରେ ବସିଥିବା ବେଳେ ଜେଲ ଫେରନ୍ତା ଗଙ୍ଗାଧର ସେଠାରେ ପହଞ୍ଚି ତାଙ୍କୁ ମାରିଦେବାକୁ ଧମକ ଦେଇଥିଲେ। ପ୍ରଦୀପ ସେଠାରୁ ଘର ଭିତରକୁ ଦୌଡ଼ି ପଳାଇ ଯାଇଥିଲେ। ଏହା ଦେଖି ଗଙ୍ଗାଧର ଧରିଥିବା ୩ ଟି ବୋମା ତାଙ୍କ ଘର ଉପରକୁ ଫିଙ୍ଗି ସେଠାରୁ ଫେରାର ହୋଇଯାଇଥିଲେ। ପରେ ପ୍ରଦୀପ ଏନେଇ ପୋଲିସକୁ ଖବର ଦେବା ସହ ଥାନାରେ ଏତଲା ଦେଇଥିଲେ। ନଂ.୫୬/୨୦ ରେ ଏକ ମାମଲା ରୁଜୁ କରାଯାଇଥିଲା।

# ଏମ୍‌କେସିଜିର ନୂଆ ଡ଼ିନ୍

**ବ୍ରହ୍ମପୁର ଅଫିସ,୧୩**

ମହାରାଜ କୃଷ୍ଣ ଚନ୍ଦ୍ର ଗଜପତି (ଏମ୍‌କେସିଜ) ମେଡିକାଲ କଲେଜର ନୂତନ ଡ଼ିନ୍ ଭାବେ ଭେଷଜ ବିଭାଗ ମୁଖ୍ୟ ପ୍ରଫେସର ଡା.ଦୀପ୍ତିମୟୀ ତ୍ରିପାଠୀ ମଙ୍ଗଳବାର ଦାୟିତ୍ୱଗ୍ରହଣ କରିଛନ୍ତି। ପୂର୍ବରୁ ଏମ୍‌କେସିଜି ମେଡିକାଲ କଲେଜ ଡ଼ିନ୍ ଥିବା ପ୍ରଫେସର ଡ଼.ରାଧାମାଧବ ତ୍ରିପାଠୀ ଅବସର ଗ୍ରହଣ କରିଛନ୍ତି। ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ନୂତନ ଭାବେ ଡ଼ିନ୍ ଦାୟିତ୍ୱଗ୍ରହଣ କରିଥିବା ଡ଼.ତ୍ରିପାଠୀ ବର୍ତ୍ତମାନ ପ୍ରିନ୍ସିପାଲ ଦାୟିତ୍ୱ ନେଇଥିବାରୁ ସେ ଉକ୍ତ ହସ୍‌ପିଟାଲ ବିକାଶ ଦିଗରେ କାର୍ଯ୍ୟ କରିବେ ବୋଲି କହିଛନ୍ତି।

# ମା' ପାଦୁକେଇ ଟିମ୍ ବିଜୟୀ



ମଞ୍ଚାସୀନ ଅତିଥିବୃନ୍ଦ।

**ବେଗୁନିଆପଡ଼ା,୧୩(ଡି.ଏନ.ଏ.)**

ବେଗୁନିଆପଡ଼ା ବ୍ଲକ ଅଙ୍ଗରଗାଁ ପଞ୍ଚାୟତର ନୂଆଗଡ଼ ସ୍ଥିତ ମା ପାଦୁକେଇ ନିକଟରେ ରବିବାର ନୂଆଗଡ଼ ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ଉପାଧକ୍ଷ ଭ୍ରମର ବର ଭୂୟାଁ, ଜିଲା ପରିଷଦ ସଦସ୍ୟ ପ୍ରଫୁଲ୍ଲ ଚନ୍ଦ୍ର ତିଆଡି, ସମ୍ପାଦକ ଶରତ ଚନ୍ଦ୍ର ପାଣ୍ଡି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ସରୋଜ କୁମାର ସାହୁ, ଗ୍ରାମ୍ୟ କମିଟି ସଭାପତି ବିଷ୍ଣୁ କେଶରୀ ପ୍ରଧାନ,

**ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

ଅଭିମନ୍ୟୁ ଭୂୟାଁ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚରେ ରାଇଜୀଙ୍ଗ ଷ୍ଟାର ସହିତ ମା' ପାଦୁକେଇ ଟିମ ମଧ୍ୟରେ ହୋଇଥିଲା। ରାଇଜିଙ୍ଗ ଷ୍ଟାର ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୧୦୪ ରନ କରିଥିବା ବେଳେ ମା' ପାଦୁକେଇ ୮ ଓଭରରେ ୧୦୬ ରନ କରି ବିଜୟୀ ହୋଇଥିଲେ। ଏଥିରେ ୪ ଦଳ ଭାଗ ନେବା ସହିତ ୧୦ ଦିନ ଧରି ଚାଲିବ।

# ପ୍ରଶାସନର ଭତ୍ତା ବଣ୍ଟନ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

**ବୁଗୁଡ଼ା,୧୩(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ ପକ୍ଷରୁ ରବିବାର ସ୍ଥାନୀୟ ବାଲିପିଣ୍ଡି ଷ୍ଟାଡିୟମରେ ବିଡିଓ ତନ୍ମୟ ପାତ୍ରଙ୍କ ତତ୍ତ୍ୱାବଧାନରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ୮୫୯ ହିତାଧିକାରୀଙ୍କୁ ବିଭିନ୍ନ ଭତ୍ତା ବଣ୍ଟନ କରାଯାଇଥିଲା। ବ୍ଲକ ଅଧକ୍ଷା ମାମି ସେନାପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଶ୍ରୀକାନ୍ତ ସାହୁ, ବ୍ଲକ ଉପାଧକ୍ଷ ଟୁକୁନା ସ୍ୱାଇଁ, ଜିଲା ପରିଷଦ ସଭ୍ୟା ଭୁବନେଶ୍ୱରୀ ଖଟାଇ ଓ ସଭ୍ୟ ରେବତୀ ମୋହନ ନାୟକ ପ୍ରମୁଖ ଯୋଗଦେଇ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ।

# ବିଚାରପତିଙ୍କ ବଦଳିକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା

**ବ୍ରହ୍ମପୁର ଅଫିସ,୧୩**

କେନ୍ଦ୍ର ନାଗରିକତ୍ୱ ସଂଶୋଧନ ଆଇନ୍ (ସିଏଏ) ବିରୋଧରେ ଦିଲ୍ଲୀରେ ଚାଲିଥିବା ଗଣ୍ଡଗୋଳରେ ମୃତ୍ୟୁସଂଖ୍ୟା ୪୩ କୁ ଛୁଇଁଥିବା ବେଳେ ଉତ୍ତେଜନା ସୃଷ୍ଟିକାରୀ ଭାଷଣ ଯୋଗୁ ଦିଲ୍ଲୀରେ ହିଂସା ହେଉଥିବା ନେଇ ହାଇକୋର୍ଟରେ ଏକ ମାମଲା ରୁଜୁ କରାଯାଇଥିଲା। ଏହାର ଶୁଣାଣି ଗତ ଗୁରୁବାର ଦିଲ୍ଲୀ ହାଇକୋର୍ଟରେ ହୋଇଛି। ଦିଲ୍ଲୀ ହାଇକୋର୍ଟ କେନ୍ଦ୍ର ସରକାରଙ୍କଠାରୁ ରିପୋର୍ଟ ତଲବ କରିଛନ୍ତି । ପୋଲିସ କୋର୍ଟରେ ଜବାବ ଦାଖଲ ପାଇଁ ସମୟ ମାଗିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୧୩ରେ ହେବକୁ ସ୍ଥିର ହୋଇଛି। ବୁଧବାର ଦିଲ୍ଲୀ ହାଇକୋର୍ଟର ଏକ ଖଣ୍ଡପୀଠ ଆଇନ୍ ଶୃଙ୍ଖଳା ନିୟନ୍ତ୍ରଣ କରିବାରେ ପୋଲିସ ଅସମର୍ଥ ହୋଇଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଅନ୍ୟପଟେ ଏହି ମାମଲାର ଶୁଣାଣି କରୁଥିବା ଦିଲ୍ଲୀ ହାଇକୋର୍ଟର ବିଚାରପତି ଏସ୍.ମୁରଲୀଧରଙ୍କୁ ରାତିଅଧିଆ ବଦଳି କରିଛନ୍ତି କେନ୍ଦ୍ର ସରକାର । ସିଏଏ ନେଇ ଦିଲ୍ଲୀରେ ହିଂସା ଉଗ୍ରରୂପ ନେଇଥିବା ବେଳେ ଏହାର ଶୁଣାଣି ବେଳେ ଦିଲ୍ଲୀ ପୋଲିସକୁ ଭର୍ତ୍ସନା କରିଥିଲେ। ମୁରଲିଧରଙ୍କୁ ଦିଲ୍ଲୀ ହାଇକୋର୍ଟରୁ ବଦଳି କରାଯାଇ ପଞ୍ଜାବ ଓ ହରିୟାଣା ହାଇକୋର୍ଟରେ ଅବସ୍ଥାପିତ କରାଯାଇଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ମୁଖ୍ୟ ବିଚାରପତି ଜଷ୍ଟିସ୍ ଶରଦ ଅରବିନ୍ଦ ବୋବ୍‌ଡେଙ୍କ ସହ ପରାମର୍ଶ କରି ତାଙ୍କୁ ବଦଳି କରିଛନ୍ତି ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ସଫେଇ ଦିଆଯାଇଛି । ଏହି ବଦଳିକୁ ନେଇ ସାଧାରଣରେ ଉଠିଛି ପ୍ରଶ୍ନ । ଏହାକୁ ନେଇ କ'ଣ ରହିଛି ବୁଦ୍ଧିଜୀବୀଙ୍କର ପ୍ରତିକ୍ରିୟା।



"ବିଚାରପତିମାନଙ୍କର ପ୍ରତି ଦୁଇ ବର୍ଷରେ ଥରେ ବଦଳି ହୁଏ । ତାଙ୍କର ବଦଳି ପାଇଁ ଗତ ୧୨ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଯେହେତୁ ଏହି ସମୟରେ ବହଳି ହେଲା ସେଥିପାଇଁ ଏହାକୁ ନେଇ ଏବେ ଉଠିଛି ପ୍ରଶ୍ନ ।

**-ମନୋଜ ପଟ୍ଟନାୟକ, ଆଇନଜୀବୀ**



"ବିଚାରପତି ମୁରଲୀଧରଙ୍କ ଅପ୍ରତ୍ୟାଶିତ ବଦଳି ଯୋଗୁ ଲୋକମାନଙ୍କ ମନରେ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି । ଯାହା ବସ୍ତୁବତାଠାରୁ ବହୁଦୂରରେ। କାରଣ ସୁପ୍ରିମକୋର୍ଟଙ୍କ କଲେଜିୟମ୍ ବ୍ୟବସ୍ଥାରେ ତାଙ୍କର ବଦଳି ହୋଇଛି।

**-ନିର୍ମଳ ସାହୁ, ଆଇନଜୀବୀ**

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ସମ୍ବିଧାନକୁ ଆକ୍ରମଣ କରିଛନ୍ତି। ଭାରତର ନ୍ୟାୟିକ ବ୍ୟବସ୍ଥା, ନିର୍ବାଚନ ଅଧିକାରୀ, କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାଗୁଡିକ ସ୍ୱୟଂଶାସିତ ହୋଇଥିଲେ ମଧ୍ୟ ସେମାନେ ହସ୍ତକ୍ଷେପ କରୁଛନ୍ତି। ଏହା ଗଣତନ୍ତ୍ର ପ୍ରତି ଶୁଭଙ୍କର ନୁହେଁ।



**-ପୀତବାସ ପଣ୍ଡା, ଗଞ୍ଜାମ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି**



"ବିଚାର ବ୍ୟବସ୍ଥା ଓ ନିରାପତ୍ତା ବାହିନୀରେ ଖୋଲାଖୋଲି ଭାବେ ଯଦିରାଜନୈତିକହସ୍ତକ୍ଷେପ ହୁଏ ଦେଶରେ ଆଉ ଆଇନ ବ୍ୟବସ୍ଥା ରହିବ ନାହିଁ ।

**-ଅଳିକିଶୋର ପଟ୍ଟନାୟକ, ସିପିଆଇ ନେତା।**



"ଦିଲ୍ଲୀ ହାଇକୋର୍ଟ ବିଚାରପତି ମୁରଲୀଧରଙ୍କ ଅଚାନକ ବଦଳି ଦେଶର ନ୍ୟାୟପାଳିକାର ନିରପେକ୍ଷତା ଓ ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

**-ଭାଲଚନ୍ଦ୍ର ଷଡ଼ଙ୍ଗୀ, ବୁଦ୍ଧିଜୀବୀ**

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ସୋମବାର, ମାର୍ଚ୍ଚ ୨/୨୦୨୦ Berhampur, Monday, March 2/ 2020

## ସଂକ୍ଷେପରେ

### ଆଜିଠୁ ଗୁଣ୍ଡୁକୁଟି ମହୋତ୍ସବ

**ରାଇକିଆ,୧।୩(ଡ଼ି.ଏନ.ଏ):** ରାଇକିଆ ବ୍ଲକର ମଣ୍ଡାସୁରଠାରେ ସୋମବାରଠାରୁ ଗୁଣ୍ଡୁକୁଟି ମହୋତ୍ସବ ଆରମ୍ଭ ହେବ । ୩ ଦିନ ଧରି ହେବାକୁ ଥିବା ଏହି ମହୋତ୍ସବ ଲାଗି ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ମଣ୍ଡାସୁର କୁଟି ରାଜ୍ୟର ଏକମାତ୍ର ଜୈବ ବିବିଧତା ଐତିହ୍ୟସ୍ଥଳୀ ଭାବେ ମାନ୍ୟତା ପାଇଛି। ଜାତୀୟସ୍ତରରେ ଏହା ୧୩ଶ ସ୍ଥାନରେ ରହିଛି। ମଣ୍ଡାସୁର କୁଟିକୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲକ୍ଷ୍ୟନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ତରଫରୁ ଗୁଣ୍ଡୁକୁଟି ମହୋତ୍ସବ ଆୟୋଜନ କରାଯାଉଛି । ଏଥିରେ ରାଜ୍ୟସ୍ତରୀୟ ନେତୃବୃନ୍ଦ, ପ୍ରଶାସନିକ ଅଧିକାରୀ ଯୋଗଦେବାକୁ ଥିବା ବେଳେ ରାଜ୍ୟ ଏବଂ ଆଞ୍ଚଳିକସ୍ତରର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ସ୍ଥାନୀୟ ଲୋକକଳା, ସଂସ୍କୃତିର ପୁନରୁଦ୍ଧାର ଲାଗି ମହୋତ୍ସବ ଆୟୋଜନ କରାଯାଉଥିବା କମିଟି ସଭାପତି ତଥା ଗୁମାମାହା ସରପଞ୍ଚ ବିଶିକେଶନ ପ୍ରଧାନ, ସମ୍ପାଦକ ସତ୍ୟନାଥ ପ୍ରଧାନ କହଛନ୍ତି। ପ୍ରସ୍ତୁତି ବୈଠକରେ କମିଟି ଯୁଗ୍ମ ସମ୍ପାଦକ ବୀରେନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ବୁଦ୍ଧଦେବ ମଲିକ, ଉପଦେଷ୍ଟା ସଞ୍ଜୀବ ଦିଗାଳ, ନିରଞ୍ଜନ ପରିଚ୍ଛା, ବସନ୍ତ ପରିଚ୍ଛାଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ଥିଲେ ।

### ଜୁଆ ଆଡ୍ଡାରୁ ୫ ଗିରଫ

**ଆସିକା,୧।୩ (ଡି.ଏନ୍.ଏ.):** ଗାଙ୍ଗପୁର ଥାନା ଅନ୍ତର୍ଗତ ବିଞ୍ଚଣା ଗ୍ରାମ ଆମ୍ବତୋଟାରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ଶନିବାର ସନ୍ଧ୍ୟାରେ ପୋଲିସ ଚଢ଼ାଉ କରି ୫ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୪,୨୭୦ ଟଙ୍କା ଓ ଦୁଇଟି ମୋବାଇଲ ଫୋନ ଜବତ କରାଯାଇଛି । ଗିରଫ ଅଭିଯୁକ୍ତମାନଙ୍କ ବିରୋଧରେ ଗାଙ୍ଗପୁର ଥାନାରେ ନଂ.୪୮/୨୦ରେ ଏକ ମାମଲା ରୁଜୁ କରାଯାଇ ରବିବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଧୀରେଶ କୁମାର ଦାସ ସୂଚନା ଦେଇଛନ୍ତି।

### ମିଳିତ ଶିକ୍ଷକ ମଞ୍ଚ ଗଠିତ

**ଫିରିଙ୍ଗିଆ,୧।୩:** ଫିରିଙ୍ଗିଆ ବ୍ଲକସ୍ତରୀୟ ସମସ୍ତ ବର୍ଗର ଶିକ୍ଷକମାନଙ୍କୁ ନେଇ ଶନିବାର ଏକ ବୈଠକ ବ୍ଲକ କୋଲନୀ ସ୍କୁଲ ପରିସରରେ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ସିଂ ଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ବୈଠକରେ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ସହ ଏକ ମିଳିତ ଶିକ୍ଷକ ମଞ୍ଚ ଗଠନ ହୋଇଛି। କର୍ମକର୍ତ୍ତା ମନୋନୟନ ପାଇଁ ଏକ ସାଙ୍ଗଠନିକ କମିଟି ଚୟନ କରାଯାଇଛି। ଏହାର ଆବାହକ ଭାବେ ସୀମାଞ୍ଚଳ ମୁଖୀଙ୍କୁ ଦାୟିତ୍ୱ ଦିଆଯାଇଥିବାବେଳେ ଘନଶ୍ୟାମ ପତି, କୃଷ୍ଣଚନ୍ଦ୍ର ବରାଳ, ରବୀନ୍ଦ୍ର କୁମାର ସାହୁ, ରମାକାନ୍ତ ବେହେରା ଓ ବିରଞ୍ଚି ନାରାୟଣ ବିଶ୍ୱାଳ ସଭ୍ୟ ଭାବେ ମନୋନୀତ ହୋଇଛନ୍ତି।

### ଯୁକ୍ତ ୨ ପରୀକ୍ଷା ପ୍ରସ୍ତୁତି ଶେଷ ୧୬୭୧ ଛାତ୍ରୀଛାତ୍ର ଦେବେ ପରୀକ୍ଷା

**ଜି.ଉଦୟଗିରି,୧।୩(ଡି.ଏନ.ଏ.):** ୩ ତାରିଖରୁ ଆରମ୍ଭ ହେବ ଯୁକ୍ତ ୨ ପରୀକ୍ଷା। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଥିବାବେଳେ ଜି.ଉଦୟଗିରି କଳିଙ୍ଗ ମହାବିଦ୍ୟାଳୟ ହବ୍‌ରେ ପ୍ରଶ୍ନପତ୍ର ପହଞ୍ଚି ସାରିଛି। କଡ଼ା ସୁରକ୍ଷା ମଧ୍ୟରେ ପ୍ରଶ୍ନପତ୍ର ରହିବା ବ୍ୟବସ୍ଥା ହୋଇଛି। ୫ ପରୀକ୍ଷା କେନ୍ଦ୍ରରେ ମୋଟ ୧୬୭୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। କଳିଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜି.ଉଦୟଗିରିରେ ଯୁକ୍ତ ୨ କଳାରେ ୩୨୧ ଜଣ ଛାତ୍ରୀଛାତ୍ର ଥିବା ବେଳେ ବିଜ୍ଞାନରେ ୪୨ ଜଣ ପରୀକ୍ଷାର୍ଥୀ ଅଛନ୍ତି। ଜି.ଉଦୟଗିରି ଇନ୍ଦିରା ପ୍ରିୟଦର୍ଶିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୯୯ ଜଣ, ଜେଜେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରାଇକିଆରେ ଯୁକ୍ତ ୨ କଳାରେ ୬୦୦, ବିଜ୍ଞାନରେ ୧୦୧, ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୁଟିଙ୍ଗିଆ ଯୁକ୍ତ ୨ କଳାରେ ୧୦୦, କନ୍ଧମାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସାରଙ୍ଗଗଡ଼ ପରୀକ୍ଷା କେନ୍ଦ୍ରରେ ଯୁକ୍ତ ୨ କଳାରେ ୩୦୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। ପରୀକ୍ଷା କେନ୍ଦ୍ରକୁ କେହି ମୋବାଇଲ ନ ନେବା ପାଇଁ କଡ଼ା ନିର୍ଦ୍ଦେଶ ରହିଥିବା ଜି.ଉଦୟିରି ହବ୍ ଇନଚାର୍ଜ ଅଧାପକ ଡ. ସରୋଜ କୁମାର ପରିଡ଼ା କହିଛନ୍ତି।

# ବିବାଦରେ ଛନ୍ଦି ହୋଇଛି ଅଙ୍ଗନୱାଡି କେନ୍ଦ୍ର

- ୪ ମାସ ହେଲା ଯାଉନାହାନ୍ତି ପିଲା
- ଗ୍ରାମବାସୀଙ୍କ ଅଭିଯୋଗକୁ କର୍ମୀଙ୍କ ଖଣ୍ଡନ

**ଫିରିଙ୍ଗିଆ,୧।୩:**

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଭୃଙ୍ଗିଯୋଡି ପଞ୍ଚାୟତ ତେଟକାପଦର ଗ୍ରାମ ମିନି ଅଙ୍ଗୱାବାଡି କେନ୍ଦ୍ର ୪ ମାସ ହେଲା ବନ୍ଦ ରହିଛି। ଉକ୍ତ କେନ୍ଦ୍ରର କର୍ମୀ ଓ ଗ୍ରାମବାସୀଙ୍କ ମଧ୍ୟରେ ଲାଗି ରହିଥିବା ବିବାଦ ଯୋଗୁ ଏପରି ହୋଇଛି। ଏ ନେଇ ବାରମ୍ବାର ସମନ୍ୱିତ ଶିଶୁ ବିକାଶ ଅଧିକାରୀ (ସିଡିପିଓ)ଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ସୁଦ୍ଧା ସମସ୍ୟା ସମାଧାନ ହେଉ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ତେଟକାପଦର ମିନି ଅଙ୍ଗନୱାଡି କେନ୍ଦ୍ରର କର୍ମୀ ନିୟମିତ କେନ୍ଦ୍ରକୁ ଆସୁ ନ ଥିବା, ଠିକ୍ ଭାବେ ପୁଷ୍ଟିକର ଖାଦ୍ୟ ଦେଉ ନଥିବା ଏବଂ ଗ୍ରାମବାସୀଙ୍କୁ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହୋଇଥିଲା। ତୁରନ୍ତ ଉକ୍ତ କର୍ମୀଙ୍କୁ ହଟାଇବାକୁ ଗ୍ରାମବାସୀ ସମନ୍ୱିତ ଶିଶୁ ବିକାଶ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ହେଲେ ଏ ନେଇ କୌଣସି ପଦକ୍ଷେପ ନିଆ ନ ଯିବାରୁ ଗତ ୪ମାସ ହେଲା ଗ୍ରାମବାସୀ ସେମାନଙ୍କ ପିଲାଙ୍କୁ ଉକ୍ତ କେନ୍ଦ୍ରକୁ ଛାଡୁନାହାନ୍ତି। ଏଣୁ ମିନି ଅଙ୍ଗନୱାଡି କେନ୍ଦ୍ରଟି ବନ୍ଦ ହୋଇରହିଛି। ଅନ୍ୟପଟେ ସମ୍ପୃକ୍ତ ଅଙ୍ଗନୱାଡି କର୍ମୀ ଗ୍ରାମବାସୀଙ୍କ ନାଁରେ ପାଲଟା ଅଭିଯୋଗ କରୁଛନ୍ତି। ଆକ୍ରୋଶମୂଳକ ଭାବେ ତାଙ୍କୁ ବଦନାମ କରିବାକୁ ଚେଷ୍ଟା କରି ଗାଁର କେତେଜଣ ଖଳ ପ୍ରକୃତିର ବ୍ୟକ୍ତିଙ୍କ ପ୍ରରୋଚନାରେ ହଇରାଣ କରାଯାଉଛି ବୋଲି କହିଛନ୍ତି। ନିକଟସ୍ଥ ଗ୍ରାମ୍ୟ ଜଙ୍ଗଲରେ ହୋଇଥିବା ଗଞ୍ଜେଇ ଚାଷ ଉପରେ ଅବକାରୀ ବିଭାଗ ଚଢ଼ାଉ କରିଥିଲା। ପୋଲିସକୁ ଗଞ୍ଜେଇ ଚାଷ ନେଇ ସୂଚନା ଦେଇଛି ବୋଲି ଗ୍ରାମବାସୀ ସନ୍ଦେହ କରି ତାଙ୍କ ଉପରେ ମିଥ୍ୟା ଅଭିଯୋଗ ଆଣିଥିବା ସମ୍ପୃକ୍ତ ଅଙ୍ଗନୱାଡି କର୍ମୀ ଅଭିଯୋଗ କରିଛନ୍ତି। ଉଭୟ ପକ୍ଷର ଅଭିଯୋଗ ପାଇବା ପରେ ସିଡିପିଓ ଗ୍ରାମକୁ ଯାଇ ବୁଝାଇଥିଲେ ମଧ୍ୟ ଗ୍ରାମବାସୀ ସମ୍ପୃକ୍ତ ଅଙ୍ଗନୱାଡି କର୍ମୀଙ୍କୁ ହଟାଇବା ଦାବିରୁ ଓହରୁନାହାନ୍ତି। ଫଳରେ ୪ ମାସ ହେଲା କେନ୍ଦ୍ର ବନ୍ଦ ରହିଛି। ତୁରନ୍ତ ଏହି ସମସ୍ୟାର ସମାଧାନ ନ ହେଲେ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସିଡିପିଓ ମଞ୍ଜୁଳା ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି, ଅଭିଯୋଗ ପାଇବା ପରେ ଉଭୟ ପକ୍ଷଙ୍କୁ ବୁଝାଇବାକୁ ଉଦ୍ୟମ କରିଛି। ହେଲେ ଗ୍ରାମବାସୀ ସେମାନଙ୍କ ଜିଦ୍‌ରୁ ଓହରୁନାହାନ୍ତି। ଏ ସମ୍ପର୍କରେ ଜିଲାପାଳଙ୍କୁ ସେ ରିପୋର୍ଟ କରିଥିବା କହିଛନ୍ତି। ତେଟକାପଦର ମିନି ଅଙ୍ଗନୱାଡି କେନ୍ଦ୍ର ପିଲାମାନଙ୍କୁ ନିକଟସ୍ଥ ଭୃଙ୍ଗିଯାଡି ଅଙ୍ଗନୱାଡି କେନ୍ଦ୍ରରେ ଟ୍ୟାଗ୍ କରାଯାଇଛି। ଉକ୍ତ କେନ୍ଦ୍ରର କର୍ମୀ ବିନିତା ସେଠୀ ପିଲାଙ୍କୁ ନିୟମିତ ପୁଷ୍ଟିକର ଖାଦ୍ୟ ପ୍ରଦାନ କରୁଥିବା ସେ ସୂଚନା ଦେଇଛନ୍ତି।

## ବେଳାଭୂମିରୁ ମୃତ ସାର୍କ ମାଛ ଉଦ୍ଧାର



ମୃତ ସାର୍କ ମାଛ।

**ଚିକିଟି,୧।୩(ଡି.ଏନ.ଏ.)**

ଗଞ୍ଜାମ ଜିଲା ସୁନପୁର ବେଳାଭୂମିରୁ ରବିବାର ଏକ ମୃତ ସାର୍କ ମାଛକୁ ବ୍ରହ୍ମପୁର ଡିଏଫ୍ଓ ଅମ୍ଳାନ କୁମାର ନାୟକ ଉଦ୍ଧାର କରିଛନ୍ତି। ମାଛଟି ସମୁଦ୍ର ଲହଡ଼ିରେ କୂଳରେ ଲାଗିଥିଲା। ଏହାକୁ ଦେଖି ମତ୍ସ୍ୟଜୀବୀମାନେ ସମୁଦ୍ର ଭିତରକୁ ଠେଲି ଦେଇଥିଲେ। କିନ୍ତୁ ପୁଣି ମାଛଟି ଲହଡ଼ି ମାଡ଼ରେ କୂଳରେ ଲାଗିବାରୁ ମତ୍ସ୍ୟଜୀବୀମାନେ ବନ ବିଭାଗକୁ ଜଣାଇଥିଲେ। ଡିଏଫ୍ଓ ବେଳାଭୂମିରେ ପହଞ୍ଚି ମୃତ ସାର୍କକୁ ଜବତ କରିବା ସହ ସୋମବାର ଚିକିଟି ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ଦେଇଛନ୍ତି। ମତ୍ସ୍ୟଜୀବୀଙ୍କ କହିବା ପ୍ରକାରେ, ମାଛର ଲମ୍ବ ୨୦ ରୁ ୨୫ ଫୁଟ ହୋଇଥିବା ଜଣାପଡୁଥିଲା। ସୋମବାର ମାପ ପରେ ଏହାର ଲମ୍ବା ଜଣାପଡ଼ିବ ବୋଲି ଡିଏଫ୍ଓ କହିଛନ୍ତି।

## ଧାନ ସଂଗ୍ରହ ଲକ୍ଷ୍ୟଧାର୍ଯ୍ୟ ପୂରଣକୁ ଗୁରୁତ୍ୱାରୋପ

**ଫୁଲବାଣୀ ଅଫିସ୍,୧।୩**

କନ୍ଧମାଳ ଜିଲାସ୍ତରୀୟ ଶସ୍ୟ ସଂଗ୍ରହ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୧୯-୨୦ ବର୍ଷର ଖରିଫ ଧାନ ସଂଗ୍ରହ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଜିଲା ଯୋଗାଣ ଅଧିକାରୀ ସୁବୋଧ ମଲ୍ଲିକ ଏ ପର୍ଯ୍ୟନ୍ତ ହୋଇଥିବା ଧାନ ସଂଗ୍ରହର ବିବରଣୀ ପ୍ରଦାନ କରିଥିଲେ। ୨୦୧୯-୨୦ ବର୍ଷ ଖରିଫ ଋତୁ ପାଇଁ ଜିଲାକୁ ୭୨୦୦ ମେଟ୍ରିକ୍ ଟନ୍ ଚାଉଳ ସଂଗ୍ରହ ଲକ୍ଷ୍ୟଧାର୍ଯ୍ୟ ରଖାଯାଇଥିଲା। ସେହି ଅନୁପାତ ଅନୁଯାୟୀ ୧୦,୫୮୮. ୨୩୪ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ମିଲରମାନଙ୍କୁ ୯୫୮୦.୩୬୮ ମେଟ୍ରିକ ଟନ ଧାନ ଉଠାଇବା ପାଇଁ କ୍ଷମତା ପ୍ରଦାନ କରାଯାଇଥିଲା। କନ୍ଧମାଳ, ବୌଦ୍ଧ ଓ ଗଞ୍ଜାମ ଜିଲାରୁ ଜଣେ ଲେଖାଏ ମିଲରଙ୍କ ସହ ଚୁକ୍ତି ହୋଇଛି। ଗତ ୨୮ ତାରିଖ ସୁଦ୍ଧା ମିଲରମାନେ ୮୧୩୮.୯୦୪ ମେଟ୍ରିକ୍ ଟନ୍ ଧାନ ଉଠାଇଛନ୍ତି। ଜିଲାରେ ୨୨ଟି ମଣ୍ଡି ଚାଲିଛି। ୨୩୩୩ ଜଣ ଚାଷୀଙ୍କୁ ଧାନ ବିକ୍ରି କରିବାକୁ ଟୋକନ ପ୍ରଦାନ କରାଯାଇଛି। ସେଥିମଧ୍ୟରୁ ୧୭୯୨ ଜଣ ଧାନ ବିକ୍ରି କରିଛନ୍ତି। ୧୬୧୧ ଚାଷୀଙ୍କ ଧାନ ବିକ୍ରି ବାବଦ ଅର୍ଥ ୧୩୧୨.୦୧ ଲକ୍ଷ ଟଙ୍କା ସେମାନଙ୍କ ବ୍ୟାଙ୍କ ଖାତାରେ ଜମା କରାଯାଇଛି। ବର୍ଷା ଯୋଗୁ ବଳକା ଚାଷୀ ମଣ୍ଡିକୁ ଧାନ ଆଣି ପାରିନାହାନ୍ତି। ତେଣୁ ସେମାନଙ୍କ ଟୋକନର ସମୟସୀମା ବୃଦ୍ଧି ପାଇଁ ବୈଠକରେ ନିଷ୍ପତ୍ତି କରାଯାଇଛି। ବିଧାୟକ ଅଙ୍ଗଦ କହଁର ଲଣ୍ଡାଗାଁ ମଣ୍ଡିରେ ଅନିୟମିତତା ହେଉଥିବା ଅଭିଯୋଗ କରିଥିବା ବେଳେ ଏହାର ତଦନ୍ତ ପାଇଁ ଅତିରିକ୍ତ ଜିଲାପାଳ ସାହୁ ନିର୍ଦ୍ଦେଶ ଦେଇଥିଲେ। ସହକାରୀ ଯୋଗାଣ ଅଧିକାରୀ ସୂର୍ଯ୍ୟ କୁମାର ପାଣିଗ୍ରାହୀ ସମସ୍ତ ତଥ୍ୟ ଉପସ୍ଥାପନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଉପଜିଲାପାଳ ସୁରେଶ ଚନ୍ଦ୍ର ପ୍ରଧାନ, ବାଲିଗୁଡା ଉପଜିଲାପାଳ ଦେବେନ୍ଦ୍ର କୁମାର ନନ୍ଦଙ୍କ ସମେତ ବିଭାଗୀୟ ପଦାଧିକାରୀ, ଚାଷୀ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

## ସଡ଼କ ଦୁର୍ଘଟଣାରେ ଯୁବକ ମୃତ

**ଧରାକୋଟ,୧।୩(ଡି.ଏନ.ଏ.)**

ଧରାକୋଟ ଥାନା ଢଉଗାଁ ପଞ୍ଚାୟତ ନିକଟସ୍ଥ ବାହାଡ଼ାଗୁଡ଼ାସ୍ଥିତ ଋଷିକୁଲ୍ୟା କେନାଲ ବ୍ରିଜ ନିକଟରେ ଶନିବାର ରାତିରେ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଶରଧାପୁର ପଞ୍ଚାୟତ ହିରାଖଣ୍ଡି ଗ୍ରାମର ଜହଲ ନାୟକଙ୍କ ପୁଅ ସୀମା (୨୧)। ସୀମା ବାଇକ୍‌ରେ ଶେରଗଡ଼ ଯିବାବେଳେ ଭାରସାମ୍ୟ ହରାଇବାରୁ ପଡ଼ିଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଧରାକୋଟ ପୋଲିସ ପହଞ୍ଚି ରବିବାର ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆସିକା ମେଡିକାଲ ପଠାଇଥିଲା। ଏ ନେଇ ନଂ. ୩୪/୨୦ରେ ମାମଲା ରୁଜୁ ହୋଇଛି।

## ପଞ୍ଚାୟତ ଅସ୍ଥାୟୀ କର୍ମଚାରୀଙ୍କ ଦାବି ଶୁଣାଯାଉନି

**ଆର.ଉଦୟଗିରି,୧।୩(ଡି.ଏନ.ଏ.)**

ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀମାନେ ନାନା ସମସ୍ୟା ଦେଇ ଗତି କରୁଛନ୍ତି। ଦାବି ପୂରଣ ନିମନ୍ତେ ପଦକ୍ଷେପ ନିଆଯାଉ ନ ଥିବାରୁ ସେମାନେ ଆନ୍ଦୋଳନ କରିବାକୁ ସଜବାଜ ହେଉଛନ୍ତି। ଗଜପତି ଜିଲାର ରାଇଗଡ, ନୂଆଗଡ ଓ ଆର.ଉଦୟଗିରି ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ଅସ୍ଥାୟୀ କର୍ମଚାରୀମାନଙ୍କ ଏକ ବୈଠକ ରବିବାର ଆର୍. ଉଦୟଗିରିରେ ହୋଇଥିଲା। ବୈଠକରେ ବିଭିନ୍ନ ସମସ୍ୟା ଆଲୋଚନା ହୋଇଥିଲା। ଅସ୍ଥାୟୀ କର୍ମଚାରୀଙ୍କ ସମସ୍ୟା ସମାଧାନ ନିମନ୍ତେ ପୂର୍ବରୁ ବହୁବାର ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନି। ଏହା ପ୍ରତିବାଦରେ ଆସନ୍ତା ୩ରୁ ହେବାକୁ ଥିବା ଆନ୍ଦୋଳନରେ ସାମିଲ ହେବାକୁ ସେମାନେ ନିଷ୍ପତ୍ତି ନେଇଛନ୍ତି। ବୈଠକରେ ଅସ୍ଥାୟୀ କର୍ମଚାରୀ ସଂଘ ରାଇଗଡ ବ୍ଲକ ସଭାପତି ବିନୋଦ ପ୍ରଧାନ, ସମ୍ପାଦକ ଦୁର୍ଯ୍ୟୋଧନ ବଡକୁମର, ନୂଆଗଡ ବ୍ଲକ ସଭାପତି ଲକ୍ଷ୍ମୀକାନ୍ତ ବେହେରଦଲେଇ, ସମ୍ପାଦକ ଗଙ୍ଗା ରଇତ, ଆର.ଉଦୟଗିରି ବ୍ଲକ ସଭାପତି ଗୌରାଙ୍ଗ ଦତ୍ତ, ସମ୍ପାଦକ ରଘୁନାଥ ପ୍ରଧାନୀ, ସହ ସମ୍ପାଦକ ଲକ୍ଷ୍ମୀ ବେହେରଦଲେଇଙ୍କ ସମେତ ୩ ବ୍ଲକର ୨୦୦ରୁ ଉର୍ଦ୍ଧ୍ୱ ଅସ୍ଥାୟୀ କର୍ମଚାରୀ ଯୋଗ ଦେଇଥିଲେ।

## ପୁରୁଷୋତ୍ତମପୁରରେ ଜାଲ୍ ନୋଟ ଜବତ, ୨ ଗିରଫ

**ପୁରୁଷୋତ୍ତମପୁର,୧।୩(ଡି.ଏନ.ଏ.)**

ପୁରୁଷୋତ୍ତମପୁର ପୋଲିସ ଜାଲ ନୋଟ କାରବାର ଅଭିଯୋଗରେ ୨ ଜଣ ଯୁବକଙ୍କୁ ଶନିବାର ଗିରଫ କରିଥିଲା। ସେମାନେ ହେଲେ ପୁରୁଷୋତ୍ତମପୁର ଥାନା ଶାସନପଲ୍ଲୀ ଗ୍ରାମର କେ.ସୁରେଶ ପାତ୍ର ଓ କେ.ନୂଆଗାଁ ଥାନା ଚିକିଟିପେଣ୍ଠ ଗ୍ରାମର ଭୈରବ କୁମାର ସାହୁ। ଉଭୟଙ୍କଠାରୁ ଜାଲ ନୋଟ ସହ ଗୋଟିଏ ବାଇକ୍, ୫ ମୋବାଇଲ ଫୋନ ଜବତ ହୋଇଛି। ଏ ନେଇ ପୋଲିସ ନଂ.୪୯/୨୦ରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଦ୍ୱୟଙ୍କୁ ରବିବାର କୋର୍ଟଚାଲାଣ କରିଛି। ତଦନ୍ତକାରୀ ଅଧିକାରୀ ଏସ୍ଆଇ ସୁନୀଲ କୁମାର ପ୍ରଧାନଙ୍କ କହିବା ପ୍ରକାରେ, ପୋଲିସ ପକ୍ଷରୁ ଗାଡି ଯାଞ୍ଚ ସମୟରେ ଏକ ବାଇକ(ନଂ ଓଡି ୦୭ ୱାଇ ୩୧୦୨)ରେ ସୁରେଶ ଓ ଭୈରବ ଆସୁଥିଲେ। ଗାଡିକୁ ଯାଞ୍ଚ ବେଳେ ଡିକିରେ ପାଞ୍ଚଶହ ଟଙ୍କିଆ ୨୭ଟି, ଦୁଇ ଶହ ଟଙ୍କିଆ ୧୫ଟି ସହିତ ୫ ମୋବାଇଲ ଫୋନ ରହିଥିଲା। ଏହାକୁ ନେଇ ପୋଲିସ ଥାନାକୁ ଆଣିଥିଲା। ଉକ୍ତ ଟଙ୍କାକୁ ସ୍ଥାନୀୟ ଷ୍ଟେଟ୍‌ବ୍ୟାଙ୍କରେ ଶାଖାରେ ଦେଖାଇବା ବେଳେ ଏହା ଜାଲ ଜଣାପଡିଛି।

## ଶାନ୍ତି ସଦ୍‌ଭାବନା ଭଲିବଲ୍ ପ୍ରତିଯୋଗିତା ଉଦ୍‌ଯାପିତ

**କୋଟଗଡ଼,୧।୩(ଡି.ଏନ୍.ଏ.)**

କୋଟଗଡ ବ୍ଲକ ବିଆଇସି ପିସ୍ ପ୍ରୋଜେକ୍ଟ ଓ ଶାନ୍ତି ପାଇଁ ଅଭିଯାନ, କନ୍ଧମାଳର ମିଳିତ ସହାୟତାରେ କୋଟଗଡ ବ୍ଲକ ସ୍ଥିତ ନୂଆଗାଁ ଗ୍ରାମରେ ଚାଲିଥିବା ଭଲିବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ୨୪ ରୁ ୨୮ ଫେବୃୟାରୀ ପର୍ଯ୍ୟନ୍ତ ଚାଲିଥିବା ଏହି ପ୍ରତିଯୋଗିତାରେ ୧୬ ଟି ଦଳ ଅଶଂଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଝରିଘାଟି 'ଏ' ଓ ଡେଙ୍ଗାମାହା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଝରିଘାଟ ଚାମ୍ପିୟନ ହୋଇଥିଲା। ବିଜୟୀ ଦଳକୁ ଟ୍ରଫି ସହ ୨୫୨୫ ଟଙ୍କା ଓ ରନର୍ସଅପ୍ ଦଳକୁ ୧୫୧୫ ଟଙ୍କା ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଭାବେ କୋଟଗଡ ତହସିଲଦାର ଲକ୍ଷ୍ମଣ ସୋରେନ, ସମ୍ମାନିତ ଅତିଥି ଭାବେ କୋଟଗଡ ବ୍ଲକଉପାଧ୍ୟକ୍ଷ ଜିଭିଆର୍ ପାତ୍ନୁଲ, ଏମ୍‌ପି ପ୍ରତିନିଧି କୋଟଗଡ ମନୋଜ କୁମାର ସାବତ, ସଭାପତି ଶାନ୍ତିପାଇଁ ଅଭିଯାନ କନ୍ଧମାଳ ଏମ୍‌ଡି ଅବଦୁଲ ଶୁକୁର୍, ରେଭ ପ୍ରଦୀପ କୁପାଲ କୋର୍ଡିନେଟର ବିଆଇସି ପିସ ପ୍ରୋଜେକ୍ଟ ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଗ୍ରାମର ଷ୍ଟାର ସେଞ୍ଚୁରି ଯୁବକ ସଂଘ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

## ବ୍ୟବସାୟୀଙ୍କ କବ୍‌ଜାରେ କନିଷି ଛକ ରାସ୍ତା



କନିଷି ହାଟ ଛକରେ ରାସ୍ତାକୁ କବ୍‌ଜା କରିଛନ୍ତି ବ୍ୟବସାୟୀ।

**ଗୋପାଳପୁର, ୧।୩ :**

୧୬ନଂ. ଜାତୀୟ ରାଜପଥ ଗିରିସୋଲାଠାରୁ ଜଗନ୍ନାଥପୁର ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି। ଗତ ଏକ ମାସ ମଧ୍ୟରେ ସଡ଼କ ଦୁର୍ଘଟଣାରେ ୮ ଜଣଙ୍କ ଜୀବନ ଯାଇଥିବା ବେଳେ ବହୁ ଲୋକ ଗୁରୁତର ମଧ୍ୟ ହୋଇଛନ୍ତି। ପ୍ରଶାସନ ପକ୍ଷରୁ ରଣ୍ଡା, ଗୋଳନ୍ଥରା, ସୋରଲା ରୋଡ, କନିଷି ଓ ଜଗନ୍ନାଥପୁର ଛକକୁ ଦୁର୍ଘଟଣାସ୍ଥଳ ରୂପେ ଚିହ୍ନଟ କରାଯାଇଛି। ବର୍ତ୍ତମାନ ଜାତୀୟ ରାଜପଥର ଉନ୍ନତି କରଣ କାର୍ଯ୍ୟ ଚାଲୁ ରହିଥିବା ବେଳେ ଉଭୟ ପଟ ରାସ୍ତା ଖାଲଖମା ହୋଇ ରହିଛି। ରବିବାରରେ କନିଷି ଛକରେ ହାଟ ବସିଥାଏ। ବିଭିନ୍ନ ଅଞ୍ଚଳରୁ ବହୁ ବ୍ୟବସାୟୀମାନେ ଏଠାକୁ ଆସି ସର୍ଭିସ ରୋଡ ଓ ଆଖପାଖ ସ୍ଥାନରେ ବ୍ୟବସାୟ ପସରା ଖୋଲି ସମ୍ପୂର୍ଣ୍ଣ କବ୍‌ଜା କରିଥାନ୍ତି। ଗ୍ରାହକମାନେ ଜାତୀୟ ରାଜପଥ ପାର୍ଶ୍ୱରେ ଗାଡ଼ି ପାର୍କିଂ କରୁଛନ୍ତି। ଫଳରେ ରାସ୍ତାଟି ଜାମ ହେଉଛି। ଉକ୍ତ ରାସ୍ତା ଦେଇ ବରିଷ୍ଠ ଅଧିକାରୀ ଓ ଜନ ପ୍ରତିନିଧିମାନେ ଯାତାୟାତ କରୁଥିଲେ ମଧ୍ୟ ଏଥିପ୍ରତି କାହାର ନଜର ନାହିଁ। ଫଳରେ କେଉଁ ସମୟରେ ବଡ଼ ଦୁର୍ଘଟଣା ନ ଘଟିବ ତାହା କହିହେବ ନାହିଁ। କନିଷି ପଞ୍ଚାୟତ ତରଫରୁ ହାଟରୁ ଟିକସ ଆଦାୟ କରାଯାଉଛି। ଏଥିରେ ଅର୍ଥ ବାଟମାରଣା ହେଉଥିବା ଗୁରୁତର ଅଭିଯୋଗ ହେଉଛି। ହାଟ ସରିବା ପରେ ପଡ଼ିଥିବା ଆବର୍ଜନାକୁ ବ୍ୟବସାୟୀ କିମ୍ବା ପଞ୍ଚାୟତ ପକ୍ଷରୁ ସଫା କରାଯାଉ ନ ଥିବାରୁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଏ ସମ୍ପର୍କରେ କନିଷି ତହସିଲଦାର ରାଜ କିଶୋର ଜେନାଙ୍କୁ ପଚାରିବାରୁ ଗତ ଏକ ସପ୍ତାହେ ପୂର୍ବେ ଉଚ୍ଚ ପଦାଧିକାରୀଙ୍କ ସହ ଆଲୋଚନା କରାଯାଇଛି। ଶୀଘ୍ର ଏହାର ସମାଧାନ ହେବ ବୋଲି ସୂଚନା ଦେଇଥିଲେ। ସୂଚନାଥାଉକି, ୨୦୧୫ ଡିସେମ୍ବର ୨୯ ତାରିଖରେ ଏକ ଟ୍ରକ ଭାରସାମ୍ୟ ହରାଇ ରଣ୍ଡା ଛକ ସର୍ଭିସ ରୋଡକୁ ଖସିଯିବାରୁ ୭ ଜଣଙ୍କ ଜୀବନ ଯାଇଥିଲା। ଏହି ସମୟରେ ଜିଲା ପ୍ରଶାସନ ଜାତୀୟ ରାଜପଥ ପାର୍ଶ୍ୱ ପ୍ରଶସ୍ତୀକରଣ ଓ ଓଭରବ୍ରିଜ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟ ହୋଇପାରିନାହିଁ।






1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ